## ଜୟଗୁରୁ

## ଷଡବିଂଶ (ଜନ୍ମୋତ୍ସବ) ଅଧିବେଶନର କାର୍ଯ୍ୟସୂଚୀ

### ତାରିଖ - ୦୮-୧୨-୦୩

### ପାଳିଆ -ବିଶ୍ୱଜିତ୍ ଭାଇ ଓ ରବି ଭାଇ

ସମୟ -୦୯:୩୦-୧୦:୦୦pm **(Eastern)**/୦୮:୩୦-୯:୦୦pm **(Central)**/୦୬:୩୦-୦୭:୦୦pm **(Pacific)**

Phone Number - 1-702-851-3330
Access Code - 52924878

| | |
|---|---|
| ୧) ଟେଲିଫୋନ୍‌ରେ ଯୋଗାଯୋଗ ପରେ ଜୟଗୁରୁ ପ୍ରେମସମ୍ଭାଷଣ | ୯:୨୮ - ୯:୩୦ |
| ୨) ଗୁର୍ବଷ୍ଟକଂ ଗାନ ପରେ ପରଦା ଉନ୍ମୋଚନ | ୯:୩୦ - ୯:୩୧ |
| ୩) ଶ୍ରୀଗୁରୁ ପ୍ରଣାମ | ୯:୩୧ - ୯:୩୨ |
| ୪) ଗୁରୁଗୀତା ପାଠ (ଶ୍ଳୋକ ୨୨, ବ୍ରଜ ଭାଇ) | ୯:୩୨ - ୯:୩୪ |
| ୫) ନିଗମ ଉପଦେଶ ((ନବବର୍ଷର ଆଶୀର୍ବାଦ ୧-୪ ବାଣୀ ଭାଇ) | ୯:୩୪ - ୯:୩୯ |
| ୬) ପ୍ରାର୍ଥନା ସଙ୍ଗୀତ (ନବ ବରଷର ପଥମ ପ୍ରଭାତେ ..., ଲିନା ମା') | ୯:୩୯ - ୯:୪୫ |
| ୭) ଭକ୍ତ ସମ୍ମିଳନୀ (ପୃଷ୍ଠା ୮-୧୨ ବିଶ୍ୱଜିତ୍‌ଭାଇ) | ୯:୪୫ - ୯:୫୨ |
| ୮) ଅଭିମତ ଓ ଅନୁଭୂତି ( ଜ୍ଞାନ ଭାଇ ) | ୯:୫୨ - ୯:୫୬ |
| ୯) ଆଗାମି ସମ୍ମିଳନୀ ପାଇଁ ନିମନ୍ତ୍ରଣ (୦୮-୩୦-୨୦୦୩, ଜ୍ଞାନ ଭାଇ) | ୯:୫୬ - ୯:୫୭ |
| ୧୦) ତ୍ରୁଟି ବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା (**ରବିଭାଇ** ଓ ବିଶ୍ୱଜିତ୍‌ଭାଇ) | ୯:୫୭ - ୯:୫୮ |
| ୧୧) ଶେଷ ପ୍ରାର୍ଥନା ସଙ୍ଗୀତ (ବାଞ୍ଛା-କଳ୍ପତରୁ ଦେବ ) | ୯:୫୮ - ୯:୫୯ |
| ୧୨) ଜୟଗୁରୁ ନାମ କିର୍ତ୍ତନ ପରେ ପରଦା ପତନ | ୯:୫୯ - ୧୦:୦୦ |

### ଗୁର୍ବଷ୍ଟକଂ

ଭବବନ୍ଧନ ମୋଚନ ପୂଜ୍ୟ ବରମ୍
ଗୁଣହୀନମଶେଷ ଗୁଣାଧିପତିମ୍
ଭବଭୀରୁ ଜନେ ସତତଂ ବରଦମ୍
ପ୍ରଣମାମି ଗୁରୁଂ ଶିବ-କଳ୍ପତରୁମ୍ ।୧।

### ଶ୍ରୀ ଶ୍ରୀ ଗୁରୁ ପ୍ରଣାମ

ଓଁ ବ୍ରହ୍ମାନନ୍ଦଂ ପରମ ସୁଖଦଂ କେବଳଂ ଜ୍ଞାନ ମୂର୍ତ୍ତିମ୍ ।
ଦ୍ୱନ୍ଦାତୀତଂ ଗଗନ ସଦୃଶଂ ତତ୍ତ୍ୱମସ୍ୟାଦି ଲକ୍ଷ୍ୟମ୍ ।
ଏକଂ ନିତ୍ୟଂ ବିମଳମଚଳଂ ସର୍ବଧୀ ସାକ୍ଷୀଭୂତଂ ।
ଭାବାତୀତଂ ତ୍ରିଗୁଣ ରହିତଂ ସଦ୍‌ଗୁରୁଂ ତଂ ନମାମି ।

<u>Jayaguru</u>

America Saraswat Pathachakra

**Program for the 26th Session**

**Date: 12th August, 2003**

**Palia: Biswajit Bhai and Rabi Bhai**

**Time:** 9:30pm-10:00pm **(Eastern)**/08:30 pm-09:00pm **(Central)**/06:30 pm-07:00pm(**Pacific)**

Phone Number - 1-702-851-3330

Access Code - 52924878

| | |
|---|---|
| 1. Connect everyone through Phone | 09:28 - 09:30 |
| 2. Gurbastakam | 09:30 - 09:31 |
| 3. Shri Guru Pranam | 09:31 - 09:32 |
| 4. Gurugita Patha (Sloka 22 , Braja Bhai) | 09:32 - 09:34 |
| 5. Nigama Upadesha (Naba Barsara Asirbada , Pages 1-4, Bani Bhai) | 09:34 - 09:39 |
| 6. Song (Naba barasara prathama pravate ..., Leena Maa) | 09:39 - 09:45 |
| 7. Bhakta Sameelani (Pages 8-12 , Biswajit Bhai ) | 09:45 - 09:52 |
| 8. Abhimata o Anubhuti (Gyan Bhai) | 09:52 - 09:56 |
| 9. Invitation for Sammilani (08-30-2003, Gyan Bhai) | 09:56 - 09:57 |
| 10. Truti Bichyuti (**Rabi Bhai** and Biswajit Bhai) | 10:57 - 10:58 |
| 11. Banchha k'lpa taru deba | 09:58 - 09.59 |
| 12. Jayaguru Nama | 09:59 - 10:00 |

## <u>ନବ ବରଷର ପ୍ରଥମ ପ୍ରଭାତେ</u>

ନବ ବରଷର ପ୍ରଥମ ପ୍ରଭାତେ
କରେ ତବ ପ୍ରଣିପାତ,
ହେ ମୋର ପ୍ରାଣର ଆରାଧ୍ୟ ଦେବତା
ହେ ମୋର ଜୀବନ ନାଥ !

ତୁମରି କୃପାର ଆଲୋକ ବିତରି
ଅନ୍ଧକାର ନାଶିଦିଅ,
'ଅହଂ ମମତା' ଘୁଞ୍ଚାଇଣ ପ୍ରଭୁ
ତୁମରି କରିଣ ନିଅ ।

ଦେହର ଜଡତା ମନର କାଳିମା
ଘୁଞ୍ଚିଯାଉ ମୋର ଦୂରେ,
ଅନ୍ତର ପୁର ପୂରି ରହିଥାଉ
ତୁମରି ମୋହନ ସ୍ୱରେ ।

ଶୁଦ୍ଧ କର ହେ ବୃତ୍ତି ମୋହର
ଊର୍ଦ୍ଧ୍ୱେ ଚାଳିତ କର,
ତୁମରି ଅଭୟ- କର ପ୍ରସାରିଣ
ଆମ୍ଭଙ୍କୁ କୋଳରେ ଧର ।

ଅନ୍ତର ମଧ୍ୟରୁ ବିଦୂରିତ କର
ଅଶୁଭ ସଂସ୍କାରରାଶି,
ଅଜ୍ଞାନର ମୂଳ ଚିର ଦିନ ପାଇଁ
ଦିଅ ହେ ଠାକୁର ନାଶି ।

ଜ୍ଞାନର ଅଗ୍ନିରେ ପୋଡିଦେଇ କାଟ
ସକଳ କରମ ଡୋର,
ପ୍ରେମ-ପ୍ଲାବନରେ ଭସାଇ ଦିଅ ହେ
ଦଗଧ ହୃଦୟ ମୋର ।

ସେ ମରୁ ହୃଦରେ ହେଉ ଜାଗରଣ
ପ୍ରେମର ବୃନ୍ଦାବନ,
ନିତ୍ୟଲୋକର ଆଭାସ ଫୁଟୁ ହେ
ମୋ ଅନ୍ତରେ ଅନୁକ୍ଷଣ ।

ମଦନେ ମୋହିଣ ସାର୍ଥକ କର
ମଦନମୋହନ ନାମ,
ହୃଦରେ ସର୍ବଦା ଜାଗୁ ହେ ଠାକୁର
ତୁମରି ମୋହନ ଠାମ ।

ତୁମକୁ କେବଳ ଦେଖିବି ଠାକୁର
ସକଳ ହୃଦ ମଧ୍ୟରେ,
ତୁମକୁ ଘେରିଣ ହେଉ ଜାଗରଣ
ଜଗତ ନୂଆ ଭାବରେ ।

ପ୍ରତି ଅଣୁ ମଧ୍ୟେ ତୁମରି ବିକାଶ
ଦେଖିବାକୁ ଯେହ୍ନେ ପାଇ,
ତୁମରି ରୂପର ମାଧୁରିମା ମଧ୍ୟେ
ନିଜକୁ ଯାଇ ହରାଇ ।

ତୁମରି ମଙ୍ଗଳ- ଇଚ୍ଛାର ଯେପରି
ଦେଇପାରେ ସଦା ଜୟ,
ନିର୍ଭର କରିଣ ତୁମରି ଉପରେ
ହୋଇ ପାରିବି ନିର୍ଭୟ ।

ବିଶ୍ୱାସ ଦିଅ ଦିଅ ନିର୍ଭରତା
ଦିଅ ହେ ଭକତି-ଜ୍ଞାନ,
ଦିଅ ମନେ ବଳ ଦୃଢ଼ତା ଅଟଳ
ଦିଅ ହେ ଅଦୀନ ପ୍ରାଣ ।

ବାହୁରେ ଶକ୍ତି ହୃଦୟରେ ଭକ୍ତି
ଆସୁ ହେ ଦେବତା ଜାଗି,
ସ୍ୱଭାବ-ବିରୋଧୀ ରିପୁର ପ୍ରଭାବ
ନିମିଷକେ ଯାଉ ଲିଭି ।

ନୟନ ମଧ୍ୟରୁ ମାୟା-ଆବରଣ
ଯାଉ ମୋର ତ୍ୱରା ଖୋଲି,
ବିଶ୍ୱ-ରୂପଙ୍କୁ ଦର୍ଶନ କରି
ଲୋଟିବି ଚରଣେ ବୋଲି ।

ଜଗତକୁ ଯେହ୍ନେ ତବ ରୂପ ଭାବି
ପାଇବି ହେ ଅତି ଭଲ,
ତୁମରି ଅସୀମ ପ୍ରେମର କଣିକା
ସସୀମ ହୃଦୟେ ଢାଳ ।

ଦିଅ ଜ୍ଞାନ ପ୍ରେମ କର୍ମଶକ୍ତି ଦିଅ
ସାଧିବି ତୁମରି କାର୍ଯ୍ୟ,
ସବୁ ଆବରଣ ହରି ନେଇ ପ୍ରଭୁ
ଦିଅ ହେ ସେବକ ସାଜ ।

ସବୁ ଅଭିମାନ ଚୂର୍ଣ୍ଣ କରି ହେ
ତୁମରି କରିଣ ନିଅ,
ତୁମରି ବିନ୍ଦୁ- ସେବା ଅଧିକାର
ଦିଅ ପ୍ରଭୁ ମୋତେ ଦିଅ ।

ତୁମ୍ଭେ ମୋର ପ୍ରଭୁ ମୁହିଁ ତବ ଦାସ
ରହୁ ସଦା ଏହି ଜ୍ଞାନ,
ନିର୍ମମ କରି ଚୂର୍ଣ୍ଣ କର ହେ
ମୋର ଦମ୍ଭ ଅଭିମାନ ।

ତୁମରି ଅତୁଳ ରୂପ ଆଲୋକରେ
ପୂର୍ଣ୍ଣ କର ମୋର ପ୍ରାଣ,
ସ୍ନେହର ପରଶ ଦେହି ହେ ଠାକୁର
ଅହମିକା କର ଚୂର୍ଣ୍ଣ ।

ତୁମରି ନାମର ଅମିୟ-ସାଗରେ
ବୁଡାଇଣ ମୋତେ ଦିଅ,
ଚିର ଜୀବନର ଧ୍ରୁବତାରା ହୋଇ
ହୃଦୟ ଆକାଶେ ରହ ।

# ଶେଷ ପ୍ରାର୍ଥନା ସଙ୍ଗୀତ

(ବାଞ୍ଛା-କଳ୍ପତରୁ ଦେବ)

ବାଞ୍ଛା-କଳ୍ପତରୁ ଦେବ ! ହେ ଜଗଦାଧାର
ଶ୍ରୀପଦ-କମଳେ ନାଥ ଘେନ ନମସ୍କାର
ଏବେ ଦିବା ଅବସାନେ
କରିଛି ଯେତେକ ତୃଟି ଜଣାଏଁ ଚରଣେ ।୧।

ତୃଟିଶୂନ୍ୟ ହେବାପାଇଁ କଲେ ହେଁ ପ୍ରୟାସ
ତଥାପି ପାରିଲି ନାହିଁ ହୋଇ ନିଷ୍କଳୁଷ
ମୋହ ବାତାବର୍ତ୍ତେ ପଡି
ବହୁବାର ନାଥ ମୁହଁ ଗଲି ପଥ ହୁଡି ।୨।

ତବ ନାମ ଧ୍ରୁବତାରା ଦେଖାଇଲା ପଥ
ନିରାଶ ପରାଣେ କଲା ଆଶାର ସଞ୍ଚାତ
ଦେବ ! ତବ ଜୟଗାନ
ଅକୂଳ ସାଗରେ ଦେଲା କୂଳର ସନ୍ଧାନ ।୩।

ଆଶ୍ରି ନ ଥାନ୍ତି ଯେବେ ମୁଁ ତବ ଶ୍ରୀଚରଣ
କର୍ମର କୁଟୀଳାବର୍ତ୍ତେ ଯାଇଥାନ୍ତା ପ୍ରାଣ
ଦେବ ! ସର୍ବଶକ୍ତିମାନ
ସର୍ବବାଧା ଲଙ୍ଘିବାକୁ ଦିଅ ଶକ୍ତିଦାନ ।୪।

ହୋଇଛି ଆଜି କର୍ତ୍ତବ୍ୟେ ଯେଉଁ ତୃଟିମାନ
ଭବିଷ୍ୟତେ ନୋହୁ ତାର ପୁନରାବର୍ତ୍ତନ
କର୍ମ ଶେଷେ ଏ ପ୍ରାର୍ଥନା
ଚରଣ କମଳେ ନାଥ ! ହେଉ ବାରେ ଘେନା ।୫।